# NATIONAL NEWS BULLETIN (ODIA)
## 2 May - 2026
## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ପଶ୍ଚିମବଙ୍ଗରେ ୧୫ଟି ବୁଥ୍‌ରେ ଅନୁଷ୍ଠିତ ପୁନଃ ଭୋଟ୍ ଗ୍ରହଣ, ଅପରାହ୍ଣ ୫ଟା ସୁଦ୍ଧା ୮୭ ପ୍ରତିଶତ ମତଦାନ ।

– ପଶ୍ଚିମବଙ୍ଗ, କେରଳମ୍, ତାମିଲନାଡୁ, ଆସାମ ଏବଂ ପୁଡୁଚେରୀ ବିଧାନସଭା ଆସନ ପାଇଁ ଆସନ୍ତା ସୋମବାର ଭୋଟ ଗଣନା ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ।

- ରେଳ ଭିତ୍ତିଭୂମିର ବିକାଶ ଲାଗି ଭାରତୀୟ ରେଳବାଇ ପକ୍ଷରୁ ୮୯୫ କୋଟି ଟଙ୍କା ଅନୁମୋଦିତ ।
- ପ୍ରସାର ଭାରତୀର ନୂତନ ଅଧ୍ୟକ୍ଷ ହେଲେ ପ୍ରସୁନ୍ ଯୋଶୀ ।
- ଛତିଶଗଡ଼ରେ ବିସ୍ଫୋରଣରେ ୪ ସୁରକ୍ଷା କର୍ମଚାରୀ ମୃତ ।

ଏବଂ

- ଆଇସିସି ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପ୍ ୨୦୨୬ ନିମନ୍ତେ ୧୫ ଜଣିଆ ଦଳ ଘୋଷଣା କଲା ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ୍ ବୋର୍ଡ଼ ।

# ଡବ୍ଲ୍ୟୁବି ରି-ପୋଲିଂ

ପଶ୍ଚିମବଙ୍ଗର ଦକ୍ଷିଣ ୨୪ପ୍ରଗଣା ଜିଲ୍ଲାର ୧୫ଟି ବୁଥ୍‌ରେ ପୁନଃ ମତଦାନ ପ୍ରକ୍ରିୟା ଶେଷ ହୋଇଛି । ଏଥିରେ ମାଗ୍ରାହାଟ୍ ପଶ୍ଚିମର ୧୧ଟି ବୁଥ୍ ଏବଂ ଡାଇମଣ୍ଡ ହାରବର୍ ନିର୍ବାଚନ ମଣ୍ଡଳୀର ୪ଟି ବୁଥ୍ ଅନ୍ତର୍ଭୁକ୍ତ । ଅପରାହ୍ଣ ୫ଟା ସୁଦ୍ଧା ସେଠାରେ ୮୭ ପ୍ରତିଶତ ମତଦାନ ହୋଇଥିବା ସୂଚନା ମିଳିଛି । ସେଠାକାର ରିଟର୍ଣ୍ଣିଂ ଅଧିକାରୀ ଏବଂ ପର୍ଯ୍ୟବେକ୍ଷକଙ୍କଠାରୁ ମିଳିଥିବା ରିପୋର୍ଟ୍ ଆଧାରରେ ନିର୍ବାଚନ ଆୟୋଗ ପକ୍ଷରୁ ପୁନଃ ମତଦାନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ଗତମାସ ୨୯ ତାରିଖରେ ସେହିସବୁ ବୁଥ୍‌ମାନଙ୍କରେ ଦ୍ୱିତୀୟ ପର୍ଯ୍ୟାୟରେ ଭୋଟ୍ ଗ୍ରହଣ ଅନୁଷ୍ଠିତ ହୋଇଥିଲା ।

ଆସନ୍ତା ସୋମବାର ପଶ୍ଚିମବଙ୍ଗ, କେରଳମ୍, ତାମିଲନାଡୁ, ଆସାମ ଏବଂ କେନ୍ଦ୍ର ଶାସିତ ଅଞ୍ଚଳ ପୁଡୁଚେରୀରେ ଅନୁଷ୍ଠିତ ବିଧାନସଭା ଆସନ ଲାଗି ଭୋଟ ଗଣନା ହେବ । ଆସାମର ୧୨୬ଟି ଆସନ, କେରଳମ୍‌ର ୧୪୦ ଏବଂ ପୁଡୁଚେରୀରେ ୩୦ଟି ଆସନ ପାଇଁ ଏପ୍ରିଲ୍ ୯ ତାରିଖରେ ମତଦାନ ଅନୁଷ୍ଠିତ ହୋଇଥିଲା । ଗତମାସ ୨୩ ତାରିଖରେ ତାମିଲନାଡୁର ସମସ୍ତ ୨୩୪ଟି ବିଧାନସଭା ଆସନ ଏବଂ ପଶ୍ଚିମବଙ୍ଗର ପ୍ରଥମ ପର୍ଯ୍ୟାୟ ୧୫୨ଟି ବିଧାନସଭା ଆସନ ପାଇଁ ଭୋଟ ଗ୍ରହଣ ହୋଇଥିଲା । ଗତ ମାସ ୨୯ ତାରିଖରେ ପଶ୍ଚିମବଙ୍ଗର ୧୪୨ଟି ନିର୍ବାଚନ ମଣ୍ଡଳୀ ପାଇଁ ଦ୍ୱିତୀୟ ପର୍ଯ୍ୟାୟରେ ମତଦାନ ହୋଇଥିଲା ।

## ଟିଏନ୍-କାଉଣ୍ଟିଂ ଅପ୍‌ଡେଟ୍

ତାମିଲନାଡୁରେ ଭୋଟ ଗଣନା ପାଇଁ ସମସ୍ତ ପ୍ରସ୍ତୁତି ଜୋର୍‌ସୋର୍‌ରେ ଚାଲିଛି । ରାଜ୍ୟରେ ୧୮୮ଟି ସାଧାରଣ ନିର୍ବାଚନ ମଣ୍ଡଳୀ, ୪୪ଟି ସଂରକ୍ଷିତ ନିର୍ବାଚନ ମଣ୍ଡଳୀ ଏବଂ ୨ଟି ଅନୁସୂଚିତ ଜନଜାତି ନିର୍ବାଚନ ମଣ୍ଡଳୀ ରହିଛି । ନିର୍ବାଚନରେ ୪ ହଜାର ୨୩ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଛନ୍ତି । ଆସନ୍ତା ସୋମବାର ସକାଳ ୮ଟାଠାରୁ ଗଣନା ପ୍ରକ୍ରିୟା ଆରମ୍ଭ ହେବ । ପ୍ରଥମେ ପୋଷ୍ଟାଲ ବାଲାଟ୍ ଗଣନା କରାଯିବ ବୋଲି ଆୟୋଗଙ୍କ ପକ୍ଷରୁ ସୂଚନା ଦିଆଯାଇଛି ।

ରାଜ୍ୟରେ ବିଧାନସଭା ନିର୍ବାଚନ ସମୟରେ କୌଣସି ଅପ୍ରୀତିକର ଘଟଣା ଘଟିନଥିବା ବେଳେ ୮୫ ଦଶମିକ୍ ୧/୦ ପ୍ରତିଶତ ମତଦାନ ହୋଇଥିବାରୁ ଏହା ରେକର୍ଡ଼ ସୃଷ୍ଟି କରିଛି ।

## ଇସିଆଇ-କାଉଣ୍ଟିଂ ଅବଜର୍ଭସ୍

ନିର୍ବାଚନ ଆୟୋଗ ପକ୍ଷରୁ ପଶ୍ଚିମବଙ୍ଗରେ ଅତିରିକ୍ତ ଗଣନାକାରୀ ପର୍ଯ୍ୟବେକ୍ଷକ ଏବଂ ପୋଲିସ୍ ପର୍ଯ୍ୟବେକ୍ଷଙ୍କ ନିଯୁକ୍ତି କରାଯାଇଛି । ଗଣନାକାରୀ ପର୍ଯ୍ୟବେକ୍ଷଙ୍କୁ ସହାୟତା କରିବା ଲାଗି ସମୁଦାୟ ୧୬୫ଟି ଅତିରିକ୍ତ ଗଣନାକାରୀ ପର୍ଯ୍ୟବେକ୍ଷଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ

ଗଣନା କେନ୍ଦ୍ରଗୁଡ଼ିକରେ ଆଇନ୍ ଶୃଙ୍ଖଳା ବ୍ୟବସ୍ଥାକୁ ବଜାୟ ରଖିବା ଏବଂ ସୁରକ୍ଷା ବ୍ୟବସ୍ଥା ସୁଦୃଢ଼ କରିବା ଲାଗି ୭୭ ପୋଲିସ୍ ପର୍ଯ୍ୟବେକ୍ଷଙ୍କୁ ମୁତୟନ କରାଯାଇଛି । ଗଣନା ପ୍ରକ୍ରିୟାକୁ ସୁରକ୍ଷିତ, ଶାନ୍ତିପୂର୍ଣ୍ଣ ଏବଂ ସ୍ୱଚ୍ଛ କରିବା ଲାଗି ନିର୍ବାଚନ ଆୟୋଗ ପକ୍ଷରୁ ଏପରି ପଦକ୍ଷେପ ଗ୍ରହଣ କରାଯାଇଛି । ଭୋଟ ଗଣନା ସମୟରେ ଗଣନା ଗୃହ ଗୁଡ଼ିକୁ ପୋଲିସ୍ ପର୍ଯ୍ୟବେକ୍ଷଙ୍କ ପ୍ରବେଶ ଉପରେ କଟକଣା ଲାଗୁ କରାଯାଇଛି ।  ଗଣନା କେନ୍ଦ୍ରଗୁଡ଼ିକରେ ପ୍ରବେଶ ନିମନ୍ତେ କ୍ୟୁ.ଆର୍. କୋଡ୍ ଭିତ୍ତିକ ଫଟୋ ପରିଚୟପତ୍ର ନେବା ପାଇଁ କୁହାଯାଇଛି ।

# ରେଲଓ୍ୱେଜ୍ ଇନ୍‌ଫ୍ରା

ଭାରତୀୟ ରେଳବାଇ ପକ୍ଷରୁ ମେଟ୍ରୋ ରେଳ ଶକ୍ତି ବ୍ୟବସ୍ଥା ତ୍ୱରାନ୍ୱିତ କରିବା ଏବଂ ରେଳ ସେତୁ ଭିତ୍ତିଭୂମି ସୁଦୃଢ଼ କରିବା ନିମନ୍ତେ ବିଭିନ୍ନ ପ୍ରକଳ୍ପ ଲାଗି ୮୯୫ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ମଞ୍ଜୁର କରିଛନ୍ତି । ଉତ୍ତର-ଦକ୍ଷିଣ କୋଲକାତା ମେଟ୍ରୋ ରେଳ କରିଡ଼ର କାର୍ଯ୍ୟ ସୁଦୃଢ଼ ନିମନ୍ତେ ୬୭୧ କୋଟି ୭୨ ଲକ୍ଷ ଟଙ୍କା ଅନୁମୋଦିତ ହୋଇଛି । ୧୯୮୦ ମସିହାରେ କୋଲକାତା ମେଟ୍ରୋ ବ୍ୟବସ୍ଥା ସ୍ଥାପନ ହୋଇଥିଲା । ଭାରତୀୟ ରେଳବାଇ ପକ୍ଷରୁ ପ୍ରକଳ୍ପ ନିମନ୍ତେ ଅର୍ଥ ମଞ୍ଜୁର ଦ୍ୱାରା କୋଲକାତା ମେଟ୍ରୋ ସେବା ତ୍ୱରାନ୍ୱିତ ହେବ । ସେହିପରି ମଧୁକୁଣ୍ଡ-

ଦାମୋଦର ସେକ୍‌ସନ୍ ସେତୁ ନିର୍ମାଣ ନିମନ୍ତେ ୨୨୩ କୋଟି ଟଙ୍କାର ଏକ ପ୍ରକଳ୍ପ ଅନୁମୋଦନ କରାଯାଇଛି । ଦକ୍ଷିଣ ପୂର୍ବାଞ୍ଚଳ ରେଳବାଇ ଅଧୀନରେ ରହିଥିବା ସମସ୍ତ ସେତୁର ପନୁଃ ନିର୍ମାଣ ପାଇଁ ମଧ୍ୟ ପ୍ରକଳ୍ପ ହାତକୁ ନିଆଯାଇଛି ।

## ପ୍ରସାରଭାରତୀ ଅଧ୍ୟକ୍ଷ

ବିଶିଷ୍ଟ ଗୀତିକାର ତଥା ଯୋଗାଯୋଗ ବିଶେଷଜ୍ଞ ପ୍ରସୁନ୍ ଯୋଶୀଙ୍କୁ ପ୍ରସାର ଭାରତୀର ଅଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଇଛି । ଶ୍ରୀ ଯୋଶୀ ତାଙ୍କର ଲୋକପ୍ରିୟ ଚଳଚ୍ଚିତ୍ର ଗୀତ ଏବଂ ବିଜ୍ଞାପନ ନିମନ୍ତେ ସମଗ୍ର ଦେଶରେ ପରିଚିତ । ତାଙ୍କ ନିଯୁକ୍ତିରେ ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଶ୍ରୀ ଯୋଶୀଙ୍କର ବିଶ୍ୱରେ ଚଳଚ୍ଚିତ୍ର, କଳା, ସାହିତ୍ୟ ଏବଂ ବିଜ୍ଞାପନ କ୍ଷେତ୍ରରେ ଅନନ୍ୟ ସୃଜନାତ୍ମକ ପ୍ରତିଭା ରହିଛି । ତାଙ୍କ ନେତୃତ୍ୱରେ ପ୍ରସାର ଭାରତୀ ଅଧିକ କ୍ରିୟାଶୀଳ, ସଶକ୍ତ ଏବଂ ସୃଜନାତ୍ମକ କାର୍ଯ୍ୟକଳାପ ସୃଷ୍ଟି କରିବ ବୋଲି ମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି ।

ପୂର୍ବରୁ ଶ୍ରୀ ଯୋଶୀ କେନ୍ଦ୍ରୀୟ ଚଳଚ୍ଚିତ୍ର ପ୍ରମାଣନ ବୋର୍ଡ୍ ମୁମ୍ବାଇର ସେ ଅଧ୍ୟକ୍ଷ ଥିଲେ ।

## ଏନ୍‌ଏଚ୍‌ଏଆଇ-ଟୋଲ

ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ ପକ୍ଷରୁ ଗୁଜରାଟର ଜାତୀୟ ରାଜପଥ ୪୮ର ଚୋରାୟାସୀ ଟୋଲ୍ ପ୍ଲାଜାଠାରେ ବିନା ବାଧା ଟୋଲ ସଂଗ୍ରହ – ମଲ୍ଟି ଲେନ୍ ଫ୍ରି ଫ୍ଲୋ ବ୍ୟବସ୍ଥା ଆରମ୍ଭ କରାଯାଇଛି । ଏହି ବ୍ୟବସ୍ଥାରେ ବିଭିନ୍ନ ଗାଡ଼ି ମୋଟର ଗୁଡ଼ିକ ଟୋଲ ପ୍ଲାଜାରେ ନ ରହି ବିନା ବାଧାରେ ଯାତାୟତ କରିପାରିବ । ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ଏହି ନୂତନ ବ୍ୟବସ୍ଥାରେ ସ୍ୱଚ୍ଛତା ରକ୍ଷା ସହ ପରିଚାଳନାଗତ ଖର୍ଚ୍ଚ ହ୍ରାସ ପାଇବ । ଏଥିସହିତ ରାଜପଥ ଗୁଡ଼ିକରେ ବିନା ବାଧାରେ ଗାଡ଼ି ମୋଟରଗୁଡ଼ିକ ଯିବା ଆସିବା କରିପାରିବ ।

## ଗଭ୍-ୱେଷ୍ଟଏସିଆ ବ୍ରିଫିଂ

ପଶ୍ଚିମ ଏସିଆ ସଂକଟ ଜନକ ପରିସ୍ଥିତି ସତ୍ତ୍ୱେ ଏଲ୍.ପି.ଜି. ବିତରଣ କେନ୍ଦ୍ରରେ ପର୍ଯ୍ୟାପ୍ତ ଗ୍ୟାସ୍ ମହଜୁଦ ଥିବା ବେଳେ ଉପଭୋକ୍ତାମାନଙ୍କୁ ଗ୍ୟାସ୍ ଯୋଗାଣ ଶତପ୍ରତିଶତ ସୁନିଶ୍ଚିତ କରାଯାଇପାରିଛି ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି । ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ଅନ୍‌ଲାଇନ୍ ମାଧ୍ୟମରେ ଏଲ୍.ପି.ଜି. ସିଲିଣ୍ଡର ବୁକିଂ ପରିମାଣ ଗତକାଲି ୯୯ ପ୍ରତିଶତ ବୃଦ୍ଧି ପାଇଥିଲା ।

ସେହିପରି ଓ.ଟି.ପି. ଭିତ୍ତିକ ଯୋଗାଣ ବ୍ୟବସ୍ଥା ୯୪ ପ୍ରତିଶତରୁ ଅଧିକ ଥିଲା ।

ବନ୍ଦର, ଜାହାଜ ଏବଂ ଜଳପଥ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ଭାରତୀୟ ନାବିକମାନେ ସୁରକ୍ଷିତ ଅଛନ୍ତି । ଗତ ୨୪ ଘଣ୍ଟା ମଧ୍ୟରେ ଭାରତୀୟ ପତାକାଧାରୀ ଜାହାଜ ଚଳାଚଳରେ କୌଣସି ବାଧାବିଘ୍ନ ଘଟିନାହିଁ । ଗତ ୨୪ ଘଣ୍ଟା ମଧ୍ୟରେ ୩୦ ଜଣ ନାବିକ ସୁରକ୍ଷିତ ଭାବେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଥିବା ସୂଚନା ଦିଆଯାଇଛି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ନିରନ୍ତର ଉପସାଗରୀୟ ଏବଂ ପଶ୍ଚିମ ଏସିଆ ଅଞ୍ଚଳ ପରିସ୍ଥିତି ପ୍ରତି ସତର୍କ ଦୃଷ୍ଟି ରଖାଯାଇଛି । ସେଠାରେ ବସବାସ କରୁଥିବା ଭାରତୀୟ ସମୁଦାୟଙ୍କ ସୁରକ୍ଷା ଏବଂ କଲ୍ୟାଣ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଉଛି ।

## ପିଏଲ୍-ଲେହ ରେଲିକ୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ  ଗତକାଲି ବୁଦ୍ଧପୂର୍ଣ୍ଣିମା ଅବସରରେ ଲେହ ଠାରେ ତଥାଗତ ବୁଦ୍ଧଙ୍କ ପବିତ୍ର ଅବଶେଷର ପ୍ରଦର୍ଶନୀ ଉଦ୍‌ଘାଟନ ହୋଇଥିବା ଯୋଗୁଁ  ଖୁସି ବ୍ୟକ୍ତ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମୋଦୀ କହିଛନ୍ତି, ଏହି ପବିତ୍ର ଅବଶେଷ କପିଳ ବସ୍ତୁର ପିପ୍ରଓ୍ୱାହା ସ୍ତୂପ ସହ ସମ୍ପୃକ୍ତ ଏବଂ ଊନବିଂଶ ଶତାବ୍ଦୀର ନିକଟବର୍ତ୍ତୀ

କାଳରେ ଏହା ଖୋଦିତ କରାଯାଇଥିଲା । ଏହା ଭଗବାନ ବୁଦ୍ଧଙ୍କ ବାଣୀ ପ୍ରଚାରିତ କରିଥାଏ ବୋଲି ସେ କହିଛନ୍ତି । ମେ' ମାସ ୧୪ ତାରିଖ ପର୍ଯ୍ୟନ୍ତ ତଥାଗତ ବୁଦ୍ଧଙ୍କ ପବିତ୍ର ଅବଶେଷ ପ୍ରଦର୍ଶନୀ ଅନୁଷ୍ଠିତ ହେବ । ଆଗାମୀ ଦିନରେ ଏହି ଅବଶେଷ ଜାନ୍ସକାରକୁ ଯାତ୍ରା କରିବ । ଏହି କାର୍ଯ୍ୟକ୍ରମ ଯୋଗୁଁ ଲଦାଖବାସୀ ଭଗବାନ ବୁଦ୍ଧଙ୍କ ଅବଶେଷକୁ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିବା ଲାଗି ସୁଯୋଗ ପାଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି । ଲଦାଖରେ ଆଧ୍ୟାତ୍ମିକ ଏବଂ ସାଂସ୍କୃତିକ ପର୍ଯ୍ୟଟନ ତ୍ୱରାନ୍ୱିତ କରିବାରେ ଏହି କାର୍ଯ୍ୟକ୍ରମ ସହାୟକ ହେବ ବୋଲି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ତି ।

## ଛତିଶଗଡ଼-ଆଇଡି ବ୍ଲାଷ୍ଟ୍

ଛତିଶଗଡ଼ରେ କାନ୍‌କାର୍-ନାରାୟଣପୁର ଜିଲ୍ଲା ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଆଜି ଆଇଇଡି ବିସ୍ଫୋରଣ ଘଟି ୪ ଜଣ ସୁରକ୍ଷା କର୍ମଚାରୀ ପ୍ରାଣ ହରାଇଥିବା ବେଳେ ଜଣେ ଆହତ ହୋଇଛନ୍ତି । ଜିଲ୍ଲା ରିଜର୍ଭଗାର୍ଡ୍‌ର କର୍ମଚାରୀମାନେ ବିସ୍ଫୋରକ ସାମଗ୍ରୀକୁ ନଷ୍ଟ କରିବା ଉଦ୍ଦେଶ୍ୟରେ ସେହି ଅଞ୍ଚଳରେ ଅପରେସନ୍ ଚଳାଇଥିବା ସମୟରେ ଏପରି ଦୁର୍ଘଟଣା ଘଟିଥିଲା । ଘଟଣାରେ ୪ଜଣ ସୁରକ୍ଷାକର୍ମୀ ହୋଇଥିବା ସୂଚନା ମିଳିଛି ।

ବସ୍ତର ରେଞ୍ଜର ପୋଲିସ୍ ଆଇ.ଜି. ସୁନ୍ଦରରାଜ ପି. କହିଛନ୍ତି, ନିକଟରେ ବସ୍ତର ଡିଭିଜନ୍ ଅଞ୍ଚଳରେ ବହୁ ସଂଖ୍ୟାରେ ବୋମାକୁ ନିଷ୍କ୍ରିୟ କରାଯାଇଥିବା ବେଳେ ଅନେକ ମାଓବାଦୀ ପୋଲିସ୍ ନିକଟରେ ଆତ୍ମସମର୍ପଣ କରିଛନ୍ତି ।

## ରେସିଂ ଲେଜେଣ୍ଡ

ଇଟାଲୀର ପୂର୍ବତନ ଫର୍ମୁଲା ୱାନ୍ ଡ୍ରାଇଭର୍ ତଥା ପାରା ଅଲିମ୍ପିକ୍ସରେ ୪ବାର ସ୍ୱର୍ଣ୍ଣ ପଦକ ବିଜେତା କିମ୍ବଦନ୍ତୀ ଖେଳାଳି ଆଲେକ୍ସ ଜନାର୍ଦ୍ଦିଙ୍କ ପରଲୋକ ହୋଇଛି । ମୃତ୍ୟୁ ବେଳକୁ ତାଙ୍କୁ ୫୯ ବର୍ଷ ହୋଇଥିଲା । ତାଙ୍କ ମୃତ୍ୟୁରେ ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନି ଶୋକ ପ୍ରକାଶ କରିବା ସହ ତାଙ୍କୁ ଜଣେ ଅସାଧାରଣ ଖେଳାଳି ଭାବେ ବର୍ଣ୍ଣନା କରିଛନ୍ତି । ୨୦୦୧ରେ ତାଙ୍କର ଦୁଇ ଗୋଡ଼ ହରାଇବା ପରେ ୨୦୧୨ ଲଣ୍ଡନ ପାରା ଅଲିମ୍ପିକ୍ସର ସାଇକେଲ ଚାଳନା ଏବଂ ୨୦୧୬ ରିଓଡ଼ି ଜେନିରୋରେ ଅନୁଷ୍ଠିତ ପାରା ଅଲିମ୍ପିକ୍ସରେ ୨ଟି ଲେଖାଏଁ ସ୍ୱର୍ଣ୍ଣ ପଦକ ଜିତିବାର ଗୌରବ ଅର୍ଜନ କରିଥିଲେ । ତାଙ୍କ ମୃତ୍ୟୁରେ ବିଶ୍ୱର କୋଣ ଅନୁକୋଣରୁ ଶୋକ ପ୍ରକାଶ ପାଇଛି ।

# ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଆଉ କିଛି ସମୟ ପରେ ଚେନ୍ନାଇ ସୁପରକିଙ୍ଗସ୍ ଓ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ଚେନ୍ନାଇର ଏମ୍.ଏ. ଚିଦାମ୍ବରମ୍ ଷ୍ଟାଡିୟମ୍‌ଠାରେ ମ୍ୟାଚ୍ ଆରମ୍ଭ ହେବ । ମୁମ୍ବାଇ ଇଣ୍ଡିଆନ୍ସ ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଛି ।

# କ୍ରିକେଟ୍-ମହିଳା ଦଳ

ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ୍ ବୋର୍ଡ୍ ପକ୍ଷରୁ ଆଜି ଆଇ.ସି.ସି. ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପ୍ ୨୦୨୬ ନିମନ୍ତେ ୧୫ ଜଣିଆ ମହିଳା ଦଳ ଘୋଷଣା କରାଯାଇଛି । ଏହି ଦଳରେ ହର୍ମନ୍ ପ୍ରୀତ କୌର୍‌ଙ୍କୁ ଅଧିନାୟକ ଭାବେ ମନୋନୀତ କରାଯାଇଥିବା ବେଳେ ସ୍ମୃତି ମାନ୍ଧାନାଙ୍କୁ ଉପ-ଅଧିନାୟକ କରାଯାଇଛି । ଆସନ୍ତା ଜୁନ୍ ମାସ ୧୨ ତାରିଖରୁ ଇଂଲଣ୍ଡ ପକ୍ଷରୁ ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯିବ । ଫାଇନାଲ୍ ମ୍ୟାଚ୍ ଜୁଲାଇ ମାସ ୫ ତାରିଖରେ ଲର୍ଡସ୍ କ୍ରିକେଟ୍ ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ହେବ । ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା, ପାକିସ୍ତାନ, ବାଂଲାଦେଶ ଓ ନେଦରଲ୍ୟାଣ୍ଡସ୍ ସହ ଭାରତ ଗ୍ରୁପ୍-୧ରେ ସ୍ଥାନ ପାଇଛି ।